**ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି**

ରାଜକନିକା,(ଡି.ଏନ.ଏ.)-ବୁଧବାର ବିଳମ୍ବିତ ରାତିରେ ରାଜ କିଶୋର ସାମଲଙ୍କ ତେଜରାତି ଦୋକାନ ସ୍କାଏ ଲାଇଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ କେହି ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୋଲିସ କଟକରୁ ସନ୍ଧାନୀ କୁକୁର ଆଣି ତଦନ୍ତ କରୁଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରି ନାହିଁ।

# ଉତ୍ତରପ୍ରଦେଶ ଫେରିଲେ ନିଖୋଜ ମାନସିକ ରୋଗୀ

- ମଇଉଦ୍ଦିନପୁରରେ ଚୋର ଭାବି ଲୋକେ ମାଡ ମାରିଥିଲେ
- ଜଗତ୍‌ସିଂହପୁର ଥାନା ଅଧିକାରୀଙ୍କ ଯୋଗୁ ୧୫ ଦିନ ସୁରକ୍ଷିତ ଥିଲେ
- ୬ ମାସ ଧରି ପରିବାର ଲୋକେ ସନ୍ଧାନ ପାଉ ନ ଥିଲେ


ଜଗତ୍‌ସିଂହପୁର ଥାନା ପରିସରରେ ମାନସିକ ରୋଗୀ ଯୁବକଙ୍କୁ ନେବାକୁ ଉତ୍ତରପ୍ରଦେଶରୁ ବଡଭାଇ ଆସିଛନ୍ତି।

ଜଗତ୍‌ସିଂହପୁର ଅଫିସ,୩୦।୬

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପିତେଇପୁର ମଇଉଦ୍ଦିନପୁର ଗାଁରେ ଗତ ୧୫ ତାରିଖରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଚୋର ଭାବି ଲୋକ ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ। ଥାନାରେ ଏହି ବ୍ୟକ୍ତିଙ୍କ ହାବଭାବ ଦେଖି ମାନସିକ ରୋଗୀ ବୋଲି ଜଗତ୍‌ସିଂହପୁର ଥାନା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ଠଉରେଇଥିଲା। ତା' ପରେ ଚିକିତ୍ସା ସହ ଖାଦ୍ୟପେୟ ଦେଇ ସୁରକ୍ଷିତ ରଖିବା ବ୍ୟବସ୍ଥା କରିଥିଲେ। ସୌଭାଗ୍ୟ ଏହି ବ୍ୟକ୍ତିଙ୍କ ପରିଚୟ ମିଳିଯିବାରୁ ପୋଲିସ ତାଙ୍କ ଗାଁ ଉତ୍ତରପ୍ରଦେଶ ଗୋଣ୍ଡା ଜିଲା ଅନ୍ତର୍ଗତ ଆଦମପୁର ପଠାଇବା ବ୍ୟବସ୍ଥା କରିଛି।

ବ୍ୟକ୍ତି ଜଣକ ଲୁଧିଆନାରେ ରଙ୍ଗ ମିସ୍ତ୍ରୀ ଭାବେ କାମ କରୁଥିଲେ। କୌଣସି କାରଣବଶତଃ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ତା' ପରେ କୌଣସି ମତେ ଜଗତ୍‌ସିଂହପୁରରେ ପହଞ୍ଚି ଯାଇଥିଲେ। ଚାଲି ଚାଲି ମହିଉଦ୍ଦିନପୁରରେ ପହଞ୍ଚି ଯାଇଥିଲେ। ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଦେଖି ଲୋକେ ଚୋର ଭାବି ନିର୍ଦ୍ଦୁମ ପିଟିଥିଲେ। ପରେ ଅଟକ ରଖି ପୋଲିସ ଜିମା ଦେଇଥିଲେ। ଆଇଆଇସି ସାହୁଙ୍କ ସମେତ ଏସ୍‌ଆଇ ରାଜେନ୍ଦ୍ର ଭୋଳ ଓ ପ୍ରତାପ ଚନ୍ଦ୍ର ଦାସ ପ୍ରମୁଖ ଅଜଣା ବ୍ୟକ୍ତିଙ୍କ ସନ୍ଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ନାଉଗାଁ ଅଞ୍ଚଳର ସାମାଜିକ କର୍ମୀ ପ୍ରସନ୍ନଜିତ ସାହୁଙ୍କୁ ଏ ସମ୍ପର୍କରେ ଆଇଆଇସି ଅବଗତ କରି ସହଯୋଗ ଚାହିଁଥିଲେ। ସୌଭାଗ୍ୟ ବ୍ୟକ୍ତି ଜଣକ ଉତ୍ତରପ୍ରଦେଶର ଗୋଣ୍ଡା ଜିଲା ଅନ୍ତର୍ଗତ ଆଦମପୁର ଗାଁରେ ବୋଲି ଜଣାପଡିଥିଲା। ଗୋଣ୍ଡା ଜିଲାପାଳ ଓ ଆଦମପୁର ସରପଞ୍ଚଙ୍କ ସହାୟତାରେ ତାଙ୍କ ବଡଭାଇ ରାମୁ ରାଜକୁମାରଙ୍କ ସହ ମୋବାଇଲ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। ରାମୁ ଜଗତ୍‌ସିଂହପୁର ବାହାରିଥିଲେ ସୁଦ୍ଧା ଟ୍ରେନ୍ ବାତିଲ ଯୋଗୁ ବିଳମ୍ବ ହୋଇ ଯାଇଥିଲା। ଗୁରୁବାର ସେ ଜଗତ୍‌ସିଂହପୁରରେ ପହଞ୍ଚିଲା ପରେ ଦୀର୍ଘ ୬ ମାସ ହେବ ତାଙ୍କ ସାନଭାଇଙ୍କ ସନ୍ଧାନ ମିଳୁ ନ ଥିବା କହିଥିଲେ। ଏଥିସହ ଜଗତ୍‌ସିଂହପୁର ପୋଲିସ ଓ ଲୋକମାନଙ୍କ ସହଯୋଗ ମିଳିଥିବାରୁ ଧନ୍ୟବାଦ ଦେଇଥିଲେ। ତା' ପରେ ସେମାନେ ଟ୍ରେନ୍‌ରେ ଉତ୍ତରପ୍ରଦେଶ ଯାତ୍ରା କରିଥିବା ଜଣାଯାଇଛି।

# କେରେଡ଼ାଗଡ଼ ଶ୍ରୀଜୀଉଙ୍କ ନେତ୍ରୋତ୍ସବ

ରାଜନଗର,୩୦।୬(ଡି.ଏନ.ଏ.)



ପୁରାଣ ପ୍ରସିଦ୍ଧ କେରେଡାଗଡସ୍ଥିତ ଶ୍ରୀଜଗନ୍ନାଥଙ୍କ ପବିତ୍ର ନେତ୍ରୋତ୍ସବ ଅବସରରେ ଶ୍ରୀଜୀଉ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଅନବସର ନୀତି ପରେ ମହାପ୍ରଭୁଙ୍କ ନେତ୍ରୋତ୍ସବ କରାଯାଇଥିଲା। ମୁଖ ପ୍ରକ୍ଷାଳନ ପରେ ନୂତନ ବସ୍ତ୍ର ଓ ପୁଷ୍ପରେ ଠାକୁରଙ୍କ ବିଗ୍ରହକୁ ବଡପଣ୍ଡା ମଦନମୋହନ ରଥ, ସୋମନାଥ ପଣ୍ଡା ବେଶ କରାଇଥିଲେ। ଗୁରୁବାର ସନ୍ଧ୍ୟାରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଠାକୁରଙ୍କ ନବଯୌବନ ବେଶକୁ ଦର୍ଶନ କରି ବିମୋହିତ ହୋଇଥିଲେ। ଶୁକ୍ରବାର ପବିତ୍ର ରଥଯାତ୍ରା ପାଇଁ ରଥଦାଣ୍ଡରେ ରଥ ପ୍ରସ୍ତୁତ ହୋଇସାରିଛି। ଦୁଇ ବର୍ଷ ପରେ ରଥଦାଣ୍ଡରେ ଭକ୍ତ ଓ ଭଗବାନଙ୍କ ମିଳନ ପର୍ବ ଅନୁଷ୍ଠିତ ହେବ।










# ଦିନେ ଟ୍ରେନିଂ ଦେଇ ୭ ଦିନର ଦସ୍ତଖତ କରାଇ ନେଲେ

ରଘୁନାଥପୁର,୩୦।୬(ଡି.ଏନ୍.ଏ.)

**ଜଇଶୋଳ ମହିଳା ମହାସଂଘର ଅଭିଯୋଗ**

ରାଜ୍ୟ ସରକାର ମହିଳାମାନଙ୍କୁ ସଶକ୍ତ ତଥା ସ୍ୱାବଲମ୍ବୀ କରିବାକୁ ପଞ୍ଚାୟତସ୍ତରୀୟ ମହିଳା ମହାସଂଘକୁ ବିଭିନ୍ନ ପ୍ରକାର ତାଲିମ ବାବଦରେ ଆର୍ଥିକଅନୁଦାନଯୋଗାଇଦେଉଛନ୍ତି। ବିଏଲ୍‌ସିମାନେ (ବ୍ଲକସ୍ତରୀୟ ସଂଯୋଜକ) ଏହାର ଦାୟିତ୍ୱରେ ରହିଛନ୍ତି। ବାସ୍ତବ କ୍ଷେତ୍ରରେ ଏହା କେତେ ପରିମାଣରେ କାର୍ଯ୍ୟକାରୀ ହେଉଛି ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜର ରହୁନି। ଫଳରେ ମହିଳାଙ୍କୁ ତାଲିମ ଦେବା ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଥିବା ଭଳି ସଙ୍ଗିନ ଅଭିଯୋଗ ହେଉଛି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଜଇଶୋଳ ପଞ୍ଚାୟତ ମହିଳା ମହାସଂଘ କ୍ଷେତ୍ରରେ। ଗୋଟିଏ ଦିନ ଟ୍ରେନିଂରେ ମହିଳାଙ୍କୁ ଟିଫିନ ଦେଇ କାଗଜପତ୍ରରେ ୭ ଦିନର ଦସ୍ତଖତ କରାଇ ନିଆଯାଇଥିବା ମହାସଂଘର ସଭାନେତ୍ରୀ ସବିତା ସାମନ୍ତରାୟ ଓ ସମ୍ପାଦିକା ମାନସୀ ପୃଷ୍ଟି ସିଡିପିଓଙ୍କୁ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏକ ମଡ୍ୟୁଲ ଟ୍ରେନିଂ ପାଇଁ ମହାସଂଘ ଆକାଉଣ୍ଟରୁ ୯୩,୨୭୫ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ବିଏଲ୍‌ସି ଓ ଏମ୍‌ବିକେ ଏହି ଟ୍ରେନିଂ ଦାୟିତ୍ୱରେ ରହିଥିଲେ। ସଭାନେତ୍ରୀ ଓ ସମ୍ପାଦିକା ବିଏଲ୍‌ସିଙ୍କୁ ଏହି ଖର୍ଚ୍ଚର ହିସାବ ମାଗିବାରୁ ସେ ହିସାବ ଦେବାକୁ ମନା କରିଦେଇଥିଲେ। ପରେ ସଭାନେତ୍ରୀ ସାମନ୍ତରାୟଙ୍କୁ ୧୪ ଶହ ଟଙ୍କା ଲାଭ ପଇସା ରଖ କହି ବିଏଲ୍‌ସି ପଳାଇଥିଲେ ବୋଲି ସେ ପ୍ରକାଶ କରିଛନ୍ତି। ଖର୍ଚ୍ଚ ବାଦ୍ ପାଖାପାଖି ୩୦ ହଜାର ଟଙ୍କା ଚଳୁ କରି ଦେଇଥିବା ସଭ୍ୟା ବନିତା ପାଇଟାଳ, ଆରତି ଓଝା, ଝିଲି ବେହେରା, ମଧୁମିତା ବେହେରା, ସସ୍ମିତା ମହାନ୍ତି, ବନିତା ପାଲ, ପଦ୍ମାବତୀ ସାହୁଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରାଯାଇ ମହାସଂଘକୁ ନ୍ୟାୟ ପ୍ରଦାନ ନିମନ୍ତେ ମହିଳାଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକଙ୍କୁ ପଚାରିବାରେ ସେ କିଛି ଜାଣି ନ ଥିବା କହିଛନ୍ତି। ବ୍ଲକ ଜୀବିକା ମିଶନର ବିପିଏମ୍ କଳ୍ପନା ଦଳେଇ ଅଭିଯୋଗପତ୍ରର କପି ପାଇଥିବା କହିଛନ୍ତି।




# ପଞ୍ଚାମୁଣ୍ଡାଇ କଲେଜ ସମାଜ ବିଜ୍ଞାନ ସେମିନାର

ପଞ୍ଚାମୁଣ୍ଡାଇ, ୩୦।୬(ସ୍ୱ.ପ୍ର.)

ପଞ୍ଚାମୁଣ୍ଡାଇ କଲେଜ ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଇଂଷ୍ଟିଲାଇଜେଶନ ଅଫ ଡେଭେଲପ ମେନ ଷ୍ଟଡ଼ିଜ : ଫ୍ରମ ଇକୋନୋମିକ ଟୁ ସୋସିଆଲ ଇକନୋମୀ ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଭାକର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସେମିନାରରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ଆଦିତ୍ୟ କେଶରୀ ମିଶ୍ର ଯୋଗଦେଇ ବିଷୟ ଭିତ୍ତିକ ଆଲୋଚନା କରିଥିଲେ। ପଞ୍ଚାମୁଣ୍ଡାଇ କଲେଜ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ କ୍ୟାପଟେନ ମନୋଜ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସେମିନାରରେ ପ୍ରାଧ୍ୟପକ ଡ. ଦୁଃଶାସନ ପରିଡା, ଡ. ଫକୀର ପ୍ରଧାନ, ରଞ୍ଜନ ବେହୁରା, ଅଶୋକ ସାହୁ, ମନ୍ମଥ ପାତ୍ର, ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଯୋଗଦେଇ ସେମିନାରରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଧାପକ ରଞ୍ଜିତ କେଶରୀ ସେନାପତି ଓ ଅଧାପିକାଅଧାପକମାନେ ପରିଚାଳନା କରିଥିଲେ।






## ମିଶନ ଶକ୍ତି ସ୍ୱାବଲମ୍ବୀ ଗୃହ ଉଦ୍‌ଘାଟିତ

ମାର୍ଶାଘାଇ,(ଡି.ଏନ୍.ଏ.)-ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦଶିପୁର ପଞ୍ଚାୟତ ଦଶିପୁର ଗ୍ରାମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଗୃହର ଶୁଭ ଉଦ୍‌ଘାଟନ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ବିଡ଼ିଓ ଉମାଶଙ୍କର ବେହେରା, ସରପଞ୍ଚ ବିକ୍ରମ କେଶରୀ ଦାଶ, ପଞ୍ଚାୟତ ମିଶନ ଶକ୍ତିର ସଭାପତି କଲ୍ୟାଣୀ ରାଉତ ଓ ସମ୍ପାଦିକା ପ୍ରିୟଙ୍କା ଦାସ ଉପସ୍ଥିତ ଥିଲେ। ଉମା ମାହେଶ୍ୱରୀ ଓ ଗାୟତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ସହଯୋଗ କରିଥିଲେ।

# ବାଲିକୁଦାରେ ମାଙ୍କଡ଼ ମଡ଼କ, ଚିନ୍ତାରେ ପ୍ରାଣୀପ୍ରେମୀ

- ରୋଗ କିମ୍ବା ବିଷକ୍ରିୟା ଯୋଗୁ ୬ ମାଙ୍କଡ଼ଙ୍କ ମୃତ୍ୟୁ
- ଦୁର୍ଘଟଣାସ୍ଥଳକୁ ଗଲେ ବନ ବିଭାଗ କର୍ମଚାରୀ

**ଜଗତ୍‌ସିଂହପୁର ଅଫିସ, ୩୦।୬**

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତ ଅନ୍ତର୍ଗତ ବୁଦ୍ଧିସାହି ଗାଁର ଗୋପାଳସାହିରେ ମାଙ୍କଡ଼ ମଡ଼କ ଦେଖିବାକୁ ମିଳିଛି। ଗୋଟିଏ ପରେ ଗୋଟିଏ କରି ୬ ମାଙ୍କଡ଼ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳିଯାଇଛି। କାହିଁକି ଓ କେଉଁ ପରିସ୍ଥିତିରେ ମାଙ୍କଡ଼ମାନଙ୍କର ମୃତ୍ୟୁ ହେଉଛି ତାକୁ ନେଇ ସାଧାରଣରେ ଆଲୋଚନା ଜୋର୍ ଧରିଥିବାବେଳେ ପ୍ରାଣୀପ୍ରେମୀମାନେ ଚିନ୍ତାପ୍ରକଟ କରିଛନ୍ତି। ତେବେ ଏ ସମ୍ପର୍କରେ ଧରିତ୍ରୀରୁ ଖବର ପାଇଲା ପରେ ବନ ବିଭାଗ କୁଜଙ୍ଗ ରେଞ୍ଜ୍ ଅଫିସର ରଞ୍ଜନ କୁମାର ମିଶ୍ର କହିଛନ୍ତି, ବାସ୍ତବରେ ରୋଗରେ କିମ୍ବା ବିଷକ୍ରିୟା ଯୋଗୁ ଏଭଳି ଘଟିଛି ତାହା ଅନୁଧ୍ୟାନ ପରେ ଜଣାପଡିବ। ବାସ୍ତବ ଚିତ୍ର ଜାଣିବାକୁ ବନ ବିଭାଗ କର୍ମଚାରୀଙ୍କୁ ଗୋପାଳସାହି ପଠାଯାଇଛି। ସେମାନେ ଏ ସମ୍ପର୍କରେ ସୂଚନା ଦେଲା ପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ। ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଯଦି ବହୁସଂଖ୍ୟାରେ ମାଙ୍କଡ଼ଙ୍କ ମୃତ୍ୟୁ ହୁଏ ତେବେ ସେମାନଙ୍କୁ ତୁରନ୍ତ ଉଦ୍ଧାର କରା ନ ଗଲେ ପରିବେଶ ପ୍ରଦୂଷିତ ହେବାର ଭୟ ମଧ୍ୟ ଦେଖାଦେଇଛି।

ଗୋପାଳସାହିରେ ୨୫ଟି ଘର ରହିଛି। ଏହି ସାହିର ମୁରଲୀଧର ବିଶ୍ୱାଳ ଓ ବିକାଶ ପରିଡ଼ା ପ୍ରମୁଖ କହିଛନ୍ତି, ବିଭିନ୍ନ ସମୟରେ ମାଙ୍କଡ଼ମାନେ ଆସିଥାନ୍ତି। ଗୁରୁବାର ପାଖାପାଖି ୩୦ ମାଙ୍କଡ଼ ଏଣେତେଣେ ବୁଲୁଥିଲେ। ମଧ୍ୟାହ୍ନ ପ୍ରାୟ ୧ଟା ବେଳେ ମୁରଲୀଧରଙ୍କ ଘରଠାରୁ ୨୦/୩୦ ଫୁଟ ଦୂର ଅନାବାଦୀ ଜମିରେ ଥିବା ଏକ ବଡ଼ ଚାକୁଣ୍ଡା ଗଛରୁ ମାଙ୍କଡ଼ଟିଏ ଖସିପଡ଼ିଥିଲା। ସେଠାକୁ ଗଲାପରେ ଅନେକ କଥା ଜଣାପଡ଼ିଥିଲା। ତଳେ ପଡ଼ିଥିବା ମାଙ୍କଡ଼ଟିର ପାଟିରୁ ଫେଣ ବାହାରୁଥିବାବେଳେ ତା'ର ମୃତ୍ୟୁ ହୋଇଯାଇଥିଲା। କେତେକ ମାଙ୍କଡ଼ ଗଛରେ ବିଚଳିତ ଅବସ୍ଥାରେ ଡେଉଁଥିଲେ। ଏପରି କି ଗଛର ଗଣ୍ଡି ଓ ଡାଳସନ୍ଧିରେ ଛନ୍ଦା ଏବଂ ମୃତ ଅବସ୍ଥାରେ ଝୁଲୁଥିବା ଅନ୍ୟ ୩ଟି ମାଙ୍କଡ଼ ବଞ୍ଚିଥିବା ଭାବି ସେମାନଙ୍କ ଚେତା ଫେରାଇ ଆଣିବାକୁ ଏହି ମାଙ୍କଡ଼ମାନେ ଚେଷ୍ଟା କରୁଥିଲେ। ତା' ପରେ ଗଛରେ ଡେଉଁଥିବା ମାଙ୍କଡ଼ଗୁଡିକ ମଧ୍ୟରୁ ୨ଟି ଧୀରେ ଧୀରେ ଦୁର୍ବଳ ହୋଇ ଘୁମାଇବାକୁ ଲାଗିଥିଲେ। ତା'ର କିଛି ଦୂର ଅନ୍ୟ ଏକ ଚାକୁଣ୍ଡା ଗଛରେ ମଧ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା। ୪ରୁ ୫ଟି ମାଙ୍କଡ଼ ଘୁମାଉଥିବା ବେଳେ ଅନ୍ୟଗୁଡିକ ସେମାନଙ୍କ ପାଖରେ ପ୍ରଥମେ ଡେଇଁବା ସହ ପରେ ଘୁମାଉଥିବା ଖବର ଲେଖାହେବା ପର୍ଯ୍ୟନ୍ତ ଜଣାପଡ଼ିଛି। ତେବେ କେହି କେହି ମାଙ୍କଡ଼ଙ୍କୁ ମାରିବା ପାଇଁ ଖାଦ୍ୟରେ ବିଷ ଦେଇଥିବା କୁହାଯାଉଛି। ଅନ୍ୟପକ୍ଷେ ବିଲରେ ହୋଇଥିବା ପନିପରିବାରେ କୀଟନାଶକ ପକାଯାଇଥିବାବେଳେ ମାଙ୍କଡ଼ମାନେ ତାହାକୁ ଖାଇ ପ୍ରଥମେ ଅସୁସ୍ଥ ଓ ପରେ ମୃତ୍ୟୁ ମୁଖରେ ପଡୁଥିବା ସନ୍ଦେହ କରାଯାଉଛି। ନଚେତ କୌଣସି ରୋଗ କାରଣରୁ ଏଭଳି ଘଟିଥିବା ସନ୍ଦେହ ଘନୀଭୂତ ହେଉଛି। ତେବେ ଯାହା ହେଉନା କାହିଁକି ମୃତ ମାଙ୍କଡ଼ଗୁଡିକୁ ଉଦ୍ଧାର ପରେ ବ୍ୟବଚ୍ଛେଦ କରାଗଲେ କାରଣ ଜଣାପଡ଼ିବ ବୋଲି କୁହାଯାଉଛି।



ବୁଦ୍ଧିସାହି ଗାଁରେ ମାଙ୍କଡ ମରି ତଳେ ପଡିଛନ୍ତି।

## ସଂକ୍ଷେପରେ

### ପ୍ରବାହ ସାହିତ୍ୟ ସଂସଦ ବାର୍ଷିକୋତ୍ସବ

ପଚ୍ଚାମୁଣ୍ଡାଇ, ୩୦।୬(ସ୍ୱ.ପ୍ର.): ପଚ୍ଚାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦିହୁଡ଼ିପୁର ଜଗନ୍ନାଥ କୋଚିଂ ସେଣ୍ଟରଠାରେ ପ୍ରବାହ ସାହିତ୍ୟ ସଂସଦର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି କବି ନରହରି ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସାହିତ୍ୟିକା ଡ. ଅପର୍ଣ୍ଣା ମହାନ୍ତି ଉଦ୍‌ଘାଟିକା, କବି ନିରାକାର ଦାସ ମୁଖ୍ୟ ଅତିଥି, ଡ. ନୀଳମଣି ଲେଙ୍କା ମୁଖ୍ୟ ବକ୍ତା ଓ ଅବନ୍ତୀ ବେହେରା, କାଳୀପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ପରିବର୍ତ୍ତନ ପାଇଁ ସାହିତ୍ୟିକ ଓ କବି କାଳଜୟୀ ଲେଖନୀ ଚାଳନା କରିବାକୁ ପରାମର୍ଶ ଦେଇଥିଲେ। କବୟିତ୍ରୀ ଆରାଧନା ଦାଶ ଓ ନରେଶ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ ଉତ୍ସବରେ କବି ପ୍ରେମାନନ୍ଦ ଦାସ, ସୁରେଶ ବାଇ, ବାବାଜୀ ଦାସ, ଅର୍ଜୁନ ଓଝା, ଆର୍ତ୍ତତ୍ରାଣ ନାୟକ, ମମତା ମଲ୍ଲିକ, ଶରତ ରାଉତ, ରାମଚନ୍ଦ୍ର ଦାସ, ଲକ୍ଷ୍ମଣ ବେଜ, ବାଣୀ ଭୂଷଣ ନାୟକ, ଗୋକୁଳ ରାଉତ, ସୁବାସ ନାୟକ, ରଞ୍ଜନ ବାଇ, ଅଶୋକ ସାହୁ, ଗୀତାଞ୍ଜଳି ସାହୁ, ଅଶୋକ ପରିଡା, ଇଂ. ସୌଦାଗର ବେହେରା, ବେଲାଳସେନ ପରିଡା ପ୍ରମୁଖ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କବିତା, ଗଳ୍ପ, ପ୍ରବନ୍ଧ, ସମାଜସେବା ଓ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ନୀଳମଣି ଲେଙ୍କା, ଅବନ୍ତୀ ବେହେରା, ବିଜୟ ମହାନ୍ତି, କାଳୀପ୍ରସାଦ ନାୟକ ଓ ଆରାଧନା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଦୀପ ମଲ୍ଲିକ, ବଳରାମ ଲେଙ୍କା ଓ ଅରୁଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ସାନିଟାରୀ ନାପକିନ୍ ୟୁନିଟ ଉଦ୍‌ଘାଟିତ

ଆଲି,୩୦।୬(ଡି.ଏନ.ଏ.): ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ମିଶନ ଶକ୍ତି ମାଧମରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହନ ଦେଉଛି। ମିଶନ ଶକ୍ତି ପକ୍ଷରୁ ପ୍ରୋତ୍ସାହନ ରାଶି ପାଇବା ପରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ପ୍ରକାର ୟୁନିଟ୍ କରି ସ୍ୱାବଲମ୍ବୀ ହେଉଛନ୍ତି। ଏହି ଅବସରରେ ବ୍ଲକର ପତ୍ରପୁର ପଞ୍ଚାୟତର ରାଇସରପୁର ଗାଁରେ ଥିବା ରାଧାକାନ୍ତ ଜୀଉ ସ୍ୱୟଂ ସହାୟକ ଗୋଷ୍ଠୀ ମିଶନ ଶକ୍ତିରୁ ଏକ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପାଇ ଏକ ସାନିଟାରୀ ନାପକିନ୍ ୟୁନିଟ୍ କରିଛନ୍ତ। ଏହି ୟୁନିଟ୍‌କୁ ଆଲି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ଓ ବିଡିଓ ଦ୍ୱିବେନ୍ଦୁ ଦାସ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ଜୀବିକା ମିଶନର ବିପିଏମ୍ ହିମାଂଶୁ ଭଦ୍ର, ମିଶନ ଶକ୍ତିର ବିପିସି ମୋନାଲିସା ନାୟକ, ବ୍ଲକ ସଂଯୋଜକ ପ୍ରକାଶ ଦାସ, ଏମ୍‌ବିକେ ପ୍ରିୟଙ୍କା ସାହୁ, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ପ୍ରିୟଲତା ଦାସ ଉପସ୍ଥିତ ଥିଲେ। ଗୋଷ୍ଠୀର ସମସ୍ତ ସଭ୍ୟା ଏହାକୁ ପରିଚାଳନା କରିଥିଲେ।

# ଖର୍ଚ୍ଚ ଟଙ୍କା ଆଦାୟ ପାଇଁ ଲୋକାୟୁକ୍ତର ସୁପାରିସ

**ଗରଦପୁରରେ ୨୭ ଲକ୍ଷ ଟଙ୍କାର କାଜୁ ଚାଷ ଦୁର୍ନୀତି ମାମଲା**

**କେନ୍ଦ୍ରାପଡ଼ା ଅଫିସ, ୩୦।୬**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ର ଆଉ ଗୋଟିଏ ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି। ଲୋକାୟୁକ୍ତ ଓ ଭିଜିଲାନ୍ସ ବିଭାଗର ତଦନ୍ତ ପରେ ଗରଦପୁର ବ୍ଲକର ବଡ଼ବେତରା ଓ ଅରଖକୁଦରେ ୨୭,୭୬,୪୭୦ ଟଙ୍କା ଦୁର୍ନୀତିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କଠାରୁ ଆଦାୟ ପାଇଁ ଲୋକାୟୁକ୍ତ ପକ୍ଷରୁ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ବିକାଶ ବିଭାଗ ସଚିବଙ୍କୁ ଗତ ୨୪ରେ ସୁପାରିସ ହୋଇଛି। ଲୋକାୟୁକ୍ତରେ ଏ ନେଇ ଅଭିଯୋଗ କରିଥିବା ସୂଚନା ଅଧିକାର କର୍ମୀ ପବିତ୍ର କୁମାର ପାଣି କହିଛନ୍ତି, ଚାଷ ନ କରି ଏହି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଇ ବିଲ୍ ହୋଇଥିଲା। ୨୦୧୫-୧୬ ଓ ୨୦୧୬-୧୭ ଆର୍ଥିକ ବର୍ଷରେ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏହି ଦୁଇ ଗ୍ରାମରେ କାଜୁଚାଷ ହୋଇଥିବା କାଗଜପତ୍ରରେ ଦର୍ଶାଯାଇଥିଲା। ଏ ସମ୍ପର୍କରେ ସୂଚନା ଆଇନ ବଳରେ ତଥ୍ୟ ମିଳିବା ପରେ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ସମ୍ପୃକ୍ତ ବିଭାଗୀୟ କର୍ମଚାରୀ ଫନୀ ବାତ୍ୟା ଓ ବାଡ଼ ନ ଥିବାରୁ କାଜୁ ଗଛ ନଷ୍ଟ ହୋଇଥିବା ସ୍ପଷ୍ଟୀକରଣ ଦିଆଯାଇଥଲା। ତେବେ ଯେଉଁ ସ୍ଥାନରେ ଗଛ ଲଗାଯାଇଥିବା କାଗଜପତ୍ରରେ ଦର୍ଶାଯାଇଥିଲା, ତାହା ଗୋଚର, ନାଳ, ଜଙ୍ଗଲ ଜମି ବୋଲି ତଦନ୍ତ ସମୟରେ ତଦନ୍ତକାରୀମାନେ ରେକର୍ଡପତ୍ରରେ ମେଳ କରିଥିଲେ। ଏଥିପାଇଁ ଖର୍ଚ୍ଚ ହୋଇଥିବା ଟଙ୍କା ଆଦାୟ କରିବାକୁ ଲୋକାୟୁକ୍ତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

# ଅରୁଣ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ


ସଭାପତି ଅରୁଣ କୁମାର ବେହେରାଙ୍କ ସହ ନିର୍ଦ୍ଦେଶକ ଓ ଅନ୍ୟମାନେ।

**ଏରସମା,୩୦।୬(ସ୍ୱ.ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର କୃଷି ସେବା ସମବାୟ ସମିତିର ସଭାପତି ନିର୍ବାଚନ ଗୁରୁବାର ଶେଷ ହୋଇଛି। ଅନ୍ୟ କୌଣସି ଆଶାୟୀ ପ୍ରାର୍ଥୀ ନ ଥିବାରୁ ଅରୁଣ କୁମାର ବେହେରା ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପଦ୍ମପୁର କୃଷି ସେବା ସମବାୟ ସମିତି ପରିସରରେ ସଭାପତି ବେହେରାଙ୍କ ସହ ବକ୍ସୁ ବେହେରା, କାଳିପଦ ମାଇତି, ଅଶିମ ବେରା, ଗୋବିନ୍ଦ ସାମଲ, ସନ୍ତୋଷ ମାଇତି, ବାବୁଲି ଆଚାର୍ଯ୍ୟ, ପ୍ରଦୀପ ସାମଲ, ଜଗନ୍ନାଥ ବେହେରା, ମହେନ୍ଦ୍ର ମାଇତି ପ୍ରମୁଖ ନବ ନିର୍ବାଚିତ ନିର୍ଦ୍ଦେଶକ, ସମ୍ପାଦକ କ୍ଷୀରୋଦ ସେଠୀ, ସରପଞ୍ଚ ପ୍ରତିଭାରାଣୀ ପାତ୍ର, ପୂର୍ବତନ ସରପଞ୍ଚ କେଶବ ପାତ୍ର, ବିଜେଡି ଜିଲା ଉପସଭାପତି ବୈଦ୍ୟନାଥ ବିଶ୍ୱାଳ, ବିଜେଡି ପଞ୍ଚାୟତ ସଭାପତି ଭଗୀରଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ନେତା କ୍ଷୀରୋଦ ପରିଡା ସଂଯୋଜକ ନିଯୁକ୍ତ

**କୁଜଙ୍ଗ, ୩୦।୬ (ଡି.ଏନ.ଏ.)**

ବିରଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ତଥା ସୁସଙ୍ଗଠକ କ୍ଷୀରୋଦ ପରିଡା ଏରସମା-ବାଲିକୁଦା ନିର୍ବାଚନ ମଣ୍ଡଳୀର ଭାଜପା ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି। ପରିଡାଙ୍କର ଏହି ନିଯୁକ୍ତିକୁ ନେଇ ଏରସମା, ପାରାଦୀପ, କୁଜଙ୍ଗ ଅଞ୍ଚଳର ଭାଜପା କାର୍ଯ୍ୟକର୍ତ୍ତାଙ୍କ ମନରେ ଖୁସିର ଲହରି ଖେଳିଯାଉଛି।

ସୂଚନାଯୋଗ୍ୟ, କ୍ଷୀରୋଦ ବାଣିବିହାରର ଜଣେ ଛାତ୍ର ନେତା ଭାବେ ବେଶ ପରିଚିତ ଥିଲେ। ସେହି ସମୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟଧାରାରେ ଆକୃଷ୍ଟ ହୋଇ ସେଥିରେ ଜଡିତ ହୋଇଥିଲେ। ଗଣିତରେ ସ୍ନାତୋକତର ଶିକ୍ଷା ସମାପ୍ତ ପରେ ଅଭିଭକ୍ତ ଏରସମା ନିର୍ବାଚନ ମଣ୍ଡଳୀରେ ପ୍ରଥମେ ୯୦ ଦଶକରେ ଭାଜପାର ମୁଳୁଦୁଆ ପକାଇଥିଲେ। ସେ ସରକାରୀ ଚାକିରି କରିବା ପରେ ରାଜନୀତିରେ ପ୍ରତ୍ୟେକ୍ଷ ଜଡିତ ନ ଥିଲେ ବି ଭାଜପାର ତୃଣମୁଳଠାରୁ ରାଜ୍ୟ ଯାଏ ସାଙ୍ଗଠନିକ କାର୍ଯ୍ୟରେ ପରୋକ୍ଷରେ ଜଡିତ ଥିଲେ। ସେହିପରି ୧୯୯୬ରେ କୁଜଙ୍ଗ ଓ ଏରସମାରେ ମଧ ସରସ୍ୱତୀ ଶିଶୁ ମନ୍ଦିର ପ୍ରତିଷ୍ଠା କରିଥିଲେ। ଏହି ଅନୁରୁପେ ଭୁବନେଶ୍ୱର ୟୁନିଟ-୩ ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ସୂଚନାଯୋଗ୍ୟକି ପରିଡା ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ଏରସମା-ବାଲିକୁଦା ନିର୍ବାଚନ ମଣ୍ଡଳୀର ଭାଜପା ସଂଯୋଜକ ଭାବେ ରାଜ୍ୟ ଭାଜପା ପକ୍ଷରୁ ନିଯୁକ୍ତି ଦିଆଯାଇଛି। ତାଙ୍କର ଏହି ନିଯୁକ୍ତିକୁ ବୀରେନ୍ଦ୍ର ବିଶ୍ୱାଳ, ନିର୍ଲିପ୍ତ ଜେନା, ଅମିତା ଦାସ, ଅମ୍ବିକା ମହାନ୍ତି, ବାବାଜୀ ମହାପାତ୍ର, ଭରତ ପ୍ରଧାନ, ରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ ରାୟ, ପଦ୍ମଲୋଚନ ଦାସ, ଆଦିତ୍ୟ ରଞ୍ଜନ ରାଉତରାୟ ପ୍ରମୁଖ ବହୁ ଭାଜପା କାର୍ଯ୍ୟକର୍ତ୍ତା ସ୍ୱାଗତ କରିଥିଲେ। ସେ ତାଙ୍କ ପ୍ରତିକ୍ରିୟାରେ ଆଗାମୀଦିନରେ କୁଜଙ୍ଗ, ପାରାଦୀପ ଓ ଏରସମାର ବହୁ ଯୁବକ ତାଙ୍କ ନେତୃତ୍ୱ ଓ ସାଙ୍ଗଠନିକ ଦକ୍ଷତା ପ୍ରତି ଆକୃଷ୍ଟ ହୋଇ ଦଳରେ ସାମିଲ ହେବା ସହ ସୁଦୃଢ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

# ସଡ଼କ ଦୁର୍ଘଟଣା, ଜଣେ ଗୁରୁତର

**ରାଜକନିକା,୩୦।୬(ଡି.ଏନ.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ଦାମୋଦରପୁର ଚରପଡା ପ୍ରଧାନମନ୍ତ୍ରୀ ସଡ଼କରେ ଗୁରୁବାର ସକାଳେ ଏକ ଦୁର୍ଘଟଣା ଘଟି ପଧାନପଡା ପଞ୍ଚାୟତ ବଡହଳପଡା ଗ୍ରାମର ସିଦ୍ଧାନ୍ତ ଦାସ ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଚି । ପଧାନପଡା ସରପଞ୍ଚ ନାତନ ଦାସ ଏ ସଂକ୍ରାନ୍ତରେ ସୂଚନା ଦେବା ସହିତ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜତ କରିବା ସହିତ ତଦନ୍ତ ଜାରି ରଖିଥିବା ସେ କହିଛନ୍ତି।

# ଅଭିରାମ ଆଞ୍ଚଳିକ ଭକ୍ତଗୋଷ୍ଠୀ ପକ୍ଷରୁ ରଥଦାଣ୍ଡ ସଫେଇ

**ରାଜନଗର,୩୦।୬(ଡି.ଏନ.ଏ.)**

ଜଗତଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଞ୍ଚଳିକ ଭକ୍ତଗୋଷ୍ଠୀ ତରଫରୁ କେରେଡାଗଡ଼ ଶ୍ରୀ ଜଗନ୍ନାଥ ଜୀଉଙ୍କ ରଥଯାତ୍ରା ଅବସରରେ ରଥଦାଣ୍ଡ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଥଦାଣ୍ଡର ଦୁଇପାର୍ଶ୍ୱରେ ଥିବା ଅଳିଆ ଆବର୍ଜନାକୁ ସଫା କରାଯାଇଥିଲା। କେରେଡାଗଡ ଭକ୍ତଗୋଷ୍ଠୀ ସଭାପତି ଶଶୀଭୂଷଣ ପଣ୍ଡା, ସମ୍ପାଦକ ହିମାଂଶୁ ଶେଖର ଦାସଙ୍କ ନେତୃତ୍ୱରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ରଥଦାଣ୍ଡ ସଫେଇ କରିଥିଲେ।

# ମେଗା ପାନୀୟ ଜଳ ପ୍ରକଳ୍ପ, ବୃଦ୍ଧି ପାଉଛି ସମସ୍ୟା

- ପ୍ରକଳ୍ପ ପାଇଁ ମନଇଚ୍ଛା ଚାଲିଛି ରାସ୍ତା ଖୋଳା
- ପୂର୍ତ୍ତ ବିଭାଗ ପାଖରେ ଖବର ନାହିଁ

**ନାଉଗାଁ,୩୦।୬(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତ ଦେଇ ପ୍ରବାହିତ ଦେବୀ ନଦୀର ତୁମ୍ବେଶ୍ୱରଠାରେ ନିର୍ମାଣ କରାଯାଉଛି ମେଗା ପାନୀୟ ଜଳ ପ୍ରକଳ୍ପ। ଏହି ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପ୍ରକଳ୍ପ ନିର୍ମାଣ କରୁଥିବା ଠିକାସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁ ସ୍ଥାନୀୟ ଜନସାଧରାଣ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ରାଜ୍ୟ ସରକାରଙ୍କ ଜଳ ପରିମଳ ବିଭାଗ ତଦାରଖରେ ରହିଛି। କିନ୍ତୁ ଠିକା ସଂସ୍ଥା ସ୍ଥାନୀୟ ଲୋକଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ନ ଦେଇ ମନଇଚ୍ଛା କାର୍ଯ୍ୟ କରୁଥିବା ଜଣାଯାଇଛି। ଏହି ପ୍ରକଳ୍ପରୁ ମଧୁର ପାନୀୟ ଜଳ ବାଲିକୁଦା-ଏରସମା ବ୍ଲକକୁ ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ପାନୀୟ ଜଳ ପ୍ରଦାନ ପାଇଁ ବିଭିନ୍ନ ରାସ୍ତା ପାର୍ଶ୍ୱ ଖୋଳାଯାଇ ପାଇପ ବିଛା ଯାଉଛି। ବ୍ଲକର ଅଲଣାହାଟ-କୁଣ୍ଡେଶ୍ୱରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ବର୍ତ୍ତମାନ ଖୋଳା ଯାଇ ପାଇପ ପକାଯାଉଛି। ରାସ୍ତା ଖୋଳିବା ସମୟରେ ପୂର୍ତ୍ତ ବିଭାଗର କୌଣସି ଅନୁମତି କିମ୍ବା ଅବଗତ କରାଇ ନ ଥିବା ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଧାକାନ୍ତ ଭୂୟାଁ ପ୍ରକାଶ କରିଛନ୍ତି। ରସ୍ତା ପାର୍ଶ୍ୱ ଖୋଳିବା ଦ୍ୱାରା ରାସ୍ତାରେ ମାଟି ଜମି ରହିଛି। ଫଳରେ କୌଣସି ଯାନବାହାନ ଉକ୍ତ ରାସ୍ତା ଦେଇ ଯାଇ ପାରୁନାହିଁ। ମଝିରେ ମଝିରେ ବର୍ଷା ଯୋଗୁ ଉକ୍ତ ମାଟି ଭିଜି ରାସ୍ତାରେ କାଦୁଅ ଜମା ହେଉଛି। ମାଟି ପଡି ରହିବା ଦ୍ୱାରା ରାତିରେ ଆସୁଥିବା ଗାଡିଗୁଡିକ ଦୁର୍ଘଟଣାଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ଏପରି କି ରାସ୍ତାରେ କାଦୁଅ ଯୋଗୁ ଗାଡି ନ ଚାଲିବାରୁ ସ୍ଥାନୀୟ ଲୋକ ଗାଡିକୁ ପେଲି ପେଲି ନେଉଥିବା ଦେଖିବାକୁ ମିଳୁଛି। ଠିକା ସଂସ୍ଥା ପକ୍ଷରୁ ବାରମ୍ବାର ରାସ୍ତା ଖୋଳିବା ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କର ସମସ୍ୟା ବଢିବାରେ ଲାଗିଛି। ଏହି ରାସ୍ତାଟି ନାଉଗାଁ ବ୍ଲକରୁ ବାଲିକୁଦା ବ୍ଲକକୁ ସଂଯୋଗ କରୁଛି। ତେଣୁ ଏହି ୨ ବ୍ଲକ ବ୍ୟତୀତ ଅନ୍ୟ ଲୋକମାନେ ମଧ ବିଭିନ୍ନ କାର୍ଯ୍ୟ ପାଇଁ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ତେଣୁ ଜନସାଧରାଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯଥାଶୀଘ୍ର ଏହି ରାସ୍ତା ଉପରୁ ମାଟି ସଫା କରିବାକୁ ସ୍ଥାନୀୟ ଜନସାଧରାଣ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜଳ ପରିମଳ ବିଭାଗର ଯନ୍ତୀ ରଶ୍ମି ରଞ୍ଜନ ଦାସଙ୍କୁ ପଚାରିବାରେ ପୂର୍ତ୍ତ ବିଭାଗକୁ ଅବଗତ କରି ରାସ୍ତା ଖୋଳାଯାଇଛି। ଯଥାଶୀଘ୍ର ରାସ୍ତା ସଫା କରିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ରାସ୍ତାରେ ମାଟି ପଡିଥିବାରୁ ଅଟକି ରହିଥିବା କାରକୁ ଲୋକେ ଠେଲୁଛନ୍ତି।




# ଜୀବନ କୌଶଳ ଶିକ୍ଷା ସମ୍ପର୍କିତ ପ୍ରଶିକ୍ଷଣ

**ଯାଜପୁର ଟାଉନ,୩୦।୬ (ଡି.ଏନ.ଏ.)**


ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ, ୟୁନିସେଫ୍ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ କମିଟି ମିଳିତ ସହଯୋଗରେ ଜିଲାସ୍ତରୀୟ ଜୀବନ କୌଶଳ ତାଲିମ କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ପିଲାମାନେ ରାଷ୍ଟ୍ରର ସମ୍ପତ୍ତି। ସେମାନଙ୍କୁ ବାଧ୍ୟବାଧକତାରେ କୌଣସି କାର୍ଯ୍ୟ କରାଇବା ଉଚିତ ନୁହେଁ। ସେମାନେ କିପରି ନିର୍ଭୟ ହୋଇ ଇଚ୍ଛା ଓ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିପାରିବେ ସେଥିପାଇଁ ପିତା, ମାତା, ଗୁରୁଜନ ଓ ଅନୁଷ୍ଠାନମାନେ ଯତ୍ନବାନ ହେବା ଆବଶ୍ୟକ। ସଂଯୋଗର ସଦସ୍ୟ ସମ୍ପାଦିକା ରିନି ମହାନ୍ତି ସଭାରେ ଅଧ୍ୟକ୍ଷତା କରିବା ସହ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଲକ୍ଷ୍ୟ, ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧକ୍ଷା ରୀତା ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟା ସିଂ, ସଂଯୋଗ ଓ ୟୁନିସେଫ୍ ସହଯୋଗରେ ଶିଶୁ, କିଶୋରଙ୍କ ପାଇଁ କ'ଣ ସୁଯୋଗ ରହିଛି ଏବଂ ଭବିଷ୍ୟତରେ ସେମାନେ କିପରି ସ୍ୱାବଲମ୍ବୀ ହେବେ ସେ ଦିଗରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ କମିଟି ସଦସ୍ୟ ଶୁଭ୍ରାଂଶୁ ଶେଖର ରାୟ ଏବଂ ଡ. ରୁଦ୍ର ନାରାୟଣ ପୃଷ୍ଟି, ୟୁନିସେଫ ଟ୍ରେନର ଡ. ମମତା ପ୍ରଧାନ ପିଲାମାନଙ୍କୁ ଜୀବନ କୌଶଳ ସମ୍ବନ୍ଧୀୟ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଅନ୍ୟତମ ବିଷୟ ବିଶାରଦ ସୁଭଦ୍ରା ପାଣିଗ୍ରାହୀ ଶିଶୁଙ୍କ କ୍ୟାରିୟର ଗଠନର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ଶେଷରେ ସଂଯୋଗର ପ୍ରକଳ୍ପ ସଂଯୋଜକ ଲୋକନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ଥାନାଧିକାରୀ, ଖବରଦାତାଙ୍କ ବିବାଦର ସମାଧାନ

**ରସୁଲପୁର,୩୦।୬(ଡି.ଏନ.ଏ.):** ନିତିଦିନର ରସୁଲପୁର ବ୍ଲକ ଖବରଦାତା ସନ୍ତୋଷ ସାହୁଙ୍କ ସହ କୋରେଇ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣାଙ୍କ ମଧ୍ୟରେ ଉପୁଜିଥିବା ବିବାଦର ଆପୋସ ସମାଧାନ ହୋଇଛି। ଏସ୍‌ଡିପିଓ ଚିନ୍ମୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଉକ୍ତ ସମସ୍ୟାର ସମଧାନ କରାଯାଇଛି। ଘଟଣା ଦିନ କେତୋଟି ବିଷୟକୁ ନେଇ ଖବରଦାତା ଓ ଥାନା ଅଧିକାରୀଙ୍କ ମଧ୍ୟରେ ଭୁଲ ବୁଝାବଣା ହୋଇଥିଲା। ଥାନା ଅଧିକାରୀ ତାଙ୍କ ଭୁଲ ବୁଝିପାରିଥିଲେ ଓ ଖବରଦାତା ସେମାନଙ୍କ ପରିଚୟକୁ ନେଇ ଅଧିକାରୀଙ୍କୁ ନିଶ୍ଚିତ କରାଇବାରେ କିଛିଟା ତ୍ରୁଟି ରହିଥିବା ନେଇ ଆଲୋଚନା ଜରିଆରେ କୁହାଯାଇଥିଲା। ଏଭଳି ଘଟଣାର ପୁନରାବୃତ୍ତି ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ସଭାପତି ଆଦିତ୍ୟ ମେକାପ, ସାଧାରଣ ସମ୍ପାଦକ ଦେବପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି ରଞ୍ଜିତ ରାଉତ, ଖବରଦାତା ପୀତବାସ ଭୂୟାଁ, ଜଗମୋହନ ରାଉତ, ଜଙ୍ଗଦତ୍ତ ତ୍ରିପାଠୀ, ଆଶୁତୋଷ ମହାନ୍ତି ଓ ସୁଜାତା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକାଶଯେ, ଖବରଦାତା ସାହୁ ତାଙ୍କର ଜଣେ ବନ୍ଧୁଙ୍କ ସହ ଥାନାକୁ ଆସିଥିଲେ। ଥାନା ଅଧିକାରୀ ଖବରଦାତାଙ୍କୁ ଅଭିଯୁକ୍ତ ଭଳି ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ବିବାଦ ଉପୁଜିଥିଲା।







# ନବବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗରେ ସ୍ୱାମୀ, ଶ୍ୱଶୁର ଅଟକ**

**ଚଣ୍ଡିଖୋଲ/ଛତିଆ,୩୦।୬(ଡି.ଏନ.ଏ.):** ଯାଜପୁର ଜିଲା ବୈରୀ ଥାନା ଚମ୍ପାପୁର ପଞ୍ଚାୟତ ଅନ୍ତର୍ଗତ ସାବୋ ଗ୍ରାମରେ ବୁଧବାର ରାତିରେ ଜଣେ ନବବିବାହିତାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସମ୍ପୃକ୍ତ ମହିଳା ହେଲେ ସରୋଜିନୀ ବାରିକ(୨୬)। ତେବେ ସେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ଶାଶୁଘର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଉକ୍ତ ଅଭିଯୋଗ ଆଧାରରେ ସରୋଜିନୀଙ୍କ ସ୍ୱାମୀ ଗତିକୃଷ୍ଣ ବାରିକ ଓ ଶ୍ୱଶୁର ଗଣେଶ୍ୱର ବାରିକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ହଂସଦିଆ ଗ୍ରାମର ଶ୍ୟାମସୁନ୍ଦର ବାରିକଙ୍କ ଝିଅ ସରୋଜିନୀ ଗତିକୃଷ୍ଣଙ୍କୁ ୯ମାସ ତଳେ ପ୍ରେମ ବିବାହ କରିଥିଲେ। ତେବେ ବିବାହର କିଛିଦିନ ପରେ ଶାଶୁଘର ଲୋକେ ତାଙ୍କୁ ୧ ଲକ୍ଷ ଟଙ୍କା ଯୌତୁକ ଦାବି କରି ବାରମ୍ବାର ନିର୍ଯାତନା ଦେଇଥିଲେ। ସରୋଜିନୀଙ୍କ ବାପା ପରେ ଯୌତୁକ ଟଙ୍କା ଦେବେ ବୋଲି କହିଥିଲେ। ହେଲେ ଶାଶୁଘର ଲୋକେ ଅପେକ୍ଷା ନ କରି ତାଙ୍କୁ ହତ୍ୟା କରିଛନ୍ତି ବୋଲି ସରୋଜିନୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ତେବେ ଘଟଣାର ତଦନ୍ତ ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ଥାନାଧିକାରୀ ସଂଘମିତ୍ରା ନାୟକ ସୂଚନା ଦେଇଛନ୍ତି।







# ଧର୍ମଶାଳା ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ

**ଧର୍ମଶାଳା,୩୦।୬(ଡି.ଏନ.ଏ.):** ଧର୍ମଶାଳା ପ୍ରେସ୍‌କ୍ଲବର ସାଧାରଣ ପରିଷଦ ବୈଠକ ଜାରକାସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପରେ ପ୍ରେସ୍‌କ୍ଲବର ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଅନ୍ୟବର୍ଷଗୁଡ଼ିକ ପରି ବନ ମହୋତ୍ସବ ସପ୍ତାହ ଅବସରରେ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯିବ ବୋଲି ସ୍ଥିର କରାଯାଇଥିଲା। ଏଥିସହ ଜୁଲାଇ ମାସରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ ନେଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏନେଇ କମିଟି ଗଠନ କରାଯିବା ସହ ଦାୟିତ୍ୱ ଅର୍ପଣ କରାଯାଇଥିଲା। ବୈଠକରେ ପ୍ରେସ୍‌କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ଗୁଲାମ ଗସ୍, ସୀତାକାନ୍ତ ସାମଲ, ସହସମ୍ପାଦକ ମାନସ ରଞ୍ଜନ ଜେନା, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ, ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି, ବରିଷ୍ଠ ସଭ୍ୟ କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ବିବେକାନନ୍ଦ ରାୟ, ଅକ୍ଷୟ କୁମାର ରାଉତ, ପ୍ରସନ୍ନ କୁମାର ପାଣି, ଅନିଲ ନାୟକ, ବିନୋଦ ପରିଡ଼ା, ରଶ୍ମିରଞ୍ଜନ ରାୟ, ସୁବ୍ରତ ଜେନା, ଗିରିଧାରୀ ବେହେରା, କିଶୋର ରାଉତ ଓ ବିନୋଦ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସଭ୍ୟ ବିକ୍ରମ କେଶରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଧର୍ମଶାଳା,୩୦।୬(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଜାରକା ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ଟାଉନ ଥାନା ମହାନ୍ତିପାଟଣା ଗ୍ରାମର ବାସୁଦେବ ସାମଲଙ୍କ ପୁଅ ରାଜେନ୍ଦ୍ର ସାମଲ (୩୫)। ସେ କୌଣସି କାମରେ ନିଜ ବାଇକ୍ ଯୋଗେ କଟକ ଅଭିମୁଖେ ଯାଉଥିବା ବେଳେ ଏକ ଅଜଣାଗାଡ଼ି ତାଙ୍କୁ ସାଇଡମାରି ଫେରାର ହୋଇଯାଇଥିଲା। ଫଳରେ ସେ ରାସ୍ତା କଡ଼ ବାଡ଼ାରେ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧର୍ମଶାଳା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ଲାଗି ବଡ଼ଚଣା ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ନଂ.୩୭୯/୨୨ରେ ଏକ ମାମଲା ରୁଜୁ ହୋଇଛି।

### ଆଜି ଘୋଷଯାତ୍ରା

**ଧର୍ମଶାଳା,୩୦।୬(ଡି.ଏନ.ଏ.):** ଧର୍ମଶାଳା ମୁନ୍‌ସୀ ମେଲଣ କମିଟି ଓ ଶ୍ରୀଜଗନ୍ନାଥ କମିଟି ଭାଲୁଖାଇର ମିଳିତ ସହଯୋଗରେ ବିଶ୍ୱ ଆରାଧ ଦେବତା ଶ୍ରୀଜଗନ୍ନାଥଙ୍କ ଅଷ୍ଟମ ବାର୍ଷିକ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପାର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଛେରା ପହଁରା କରାଯାଇ ପହଣ୍ଡିବିଜେ ପରେ ଅପରାହ୍ନ ୧ଟାରେ ରଥଟଣା ଆରମ୍ଭ ହେବାକୁ ସ୍ଥିର କରାଯାଇଛି। ରଥ ଭାଲୁଖାଇ ମନ୍ଦିରରୁ ବାହାରି ୧୬ନଂ. ଜାତୀୟ ରାଜପଥର ଜାରକା ଛକ, ବୁଦ୍ଧ ଛକ ଓ ଶାନ୍ତିବଜାର ଦେଇ ଧର୍ମଶାଳା ହାଟପଡିଆସ୍ଥିତ ମାଉସୀମା ମନ୍ଦିରରେ ପହଞ୍ଚିବ। ଶ୍ରୀଗୁଣ୍ଡିଚା ମନ୍ଦିରରେ ୯ ଦିନ ରହଣି କାଳରେ ସେଠାରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, ପ୍ରବଚନ ଓ ନୃତ୍ୟସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାଉସୀ'ମା ମନ୍ଦିରରେ ଠାକୁର ୯ ଦିନ ରହିବା ପରେ ପୁଣି ବାହୁଡାଯାତ୍ରାରେ ଭାଲୁଖାଇସ୍ଥିତ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ୧୦ ତାରିଖରେ ସୁନାବେଶ, ୧୧ ତାରିଖରେ ଅଧରପଣା ଓ ୧୨ତାରିଖରେ ନୀଳାଦ୍ରି ବିଜେ କରାଯିବ ବୋଲି ମୁନ୍‌ସୀ ମେଲଣ କମିଟି ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଓ ଶ୍ରୀଜଗନ୍ନାଥ ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ବରାଳ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

### ଜଙ୍ଗଲରୁ ରକ୍ତାକ୍ତ ଅବସ୍ଥାରେ ଯୁବକ ଉଦ୍ଧାର

**କାଳିଆପାଣି,୩୦।୬(ଡି.ଏନ.ଏ.):** କାଳିଆପାଣି ଥାନା ଅଧୀନ କୁସୁମୁଣ୍ଡିଆ ଜଙ୍ଗଲରୁ ଗୁରୁବାର ରକ୍ତାକ୍ତ ଅବସ୍ଥାରେ ଜଣେ ଯୁବକ ଉଦ୍ଧାର ହୋଇଛନ୍ତି। ସ୍ଥାନୀୟ ଲୋକେ ଓ ସମ୍ପୃକ୍ତ ଯୁବକଙ୍କ ପରିବାର ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି। ସେ ହେଲେ ସ୍ଥାନୀୟ ଭୀମଟାଙ୍ଗର ଗ୍ରାମର ଲମ୍ବୋଦର ମହାନ୍ତଙ୍କ ପୁଅ କାଳନ୍ଦୀ ମହାନ୍ତ(୨୧)। ତାଙ୍କ ହାତ ଓ ବେକକୁ କୌଣସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ଦେଖିବାକୁ ମିଳିଛି। ଗତ ବୁଧବାର ସନ୍ଧ୍ୟାରେ କାଳନ୍ଦୀ ଘରୁ ବାଇକ୍ ନେଇ ଟାଟା ବଜାରକୁ ଯାଇଥିଲେ। ତେବେ ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଏହି ସମୟରେ ଭୀମଟାଙ୍ଗରକୁ ଯିବା ରାସ୍ତାରେ ତାଙ୍କ ବାଇକ୍‌କୁ ପାଇଥିଲେ ବି କାଳନ୍ଦୀଙ୍କୁ ପାଇ ନ ଥିଲେ। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲ ଭିତରେ କାଳନ୍ଦୀଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଦେଖି ଉଦ୍ଧାର କରିଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ତେବେ ଏ ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି। କାଳନ୍ଦୀଙ୍କ ଏପରି ଅବସ୍ଥା କ'ଣ ପାଇଁ ହୋଇଛି ତାହା ମଧ୍ୟ ଜଣାପଡ଼ିନାହିଁ।

# ନଦୀ ବଞ୍ଚାଇବାକୁ ପଦଯାତ୍ରା

## ମୂଳ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ରସୁଲପୁର,୩୦।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଞ୍ଚଳର କୋରେଇ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ୭ ପଞ୍ଚାୟତ ଦେଇ ପ୍ରବାହିତ ମୂଳ ଖରସ୍ରୋତାକୁ ମାରି ଦିଆଯାଇଛି। ତେବେ ମୃତ ନଦୀକୁ ଜୀବିତ ପାଇଁ ମୂଳ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏହିକ୍ରମରେ ଗୁରୁବାର ସମିତି ପକ୍ଷରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପଦଯାତ୍ରୀ କୁଆଖିଆ ବାଜରସ୍ଥିତ ହରପାର୍ବତୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ଆସି ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ବିଡିଓ ଉମାକାନ୍ତ ପରିଡ଼ାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନଦୀ ଉପରମୁଣ୍ଡ ଟିକରପଡ଼ାଠାରେ ପ୍ରସ୍ତାବିତ ସ୍ଲୁଇସ୍ ଗେଟ ନିର୍ମାଣ କାର୍ଯ୍ୟ ତୁରନ୍ତ କରା ନ ଗଲେ ସମିତି ସଦସ୍ୟମାନେ ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି। ଏଠାରେ ଏକ ସ୍ଲୁଇସ୍ ଗେଟ ନିର୍ମାଣକରି ମୃତ ନଦୀକୁ ଜୀବିତ କରାଗଲେ ୭ଟି ନଦୀକୂଳିଆ ପଞ୍ଚାୟତର ଲୋକେ ଉପକୃତ ହୋଇପାରିବେ ବୋଲି ସମିତି ଆବାହକ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ କହିଛନ୍ତି। ତେବେ ଏହି କାର୍ଯ୍ୟରେ ସରକାର ପକ୍ଷପାତିତା ଆଚରଣ ଅବଲମ୍ବନ କରୁଛନ୍ତି ବୋଲି ସମିତିର ଅନ୍ୟତମ ସଦସ୍ୟ ବିଶ୍ୱଜିତ୍ ମହାନ୍ତି ଅଭିଯୋଗ କରିଛନ୍ତି। ଯାଜପୁରରେ ପୁଣ୍ୟତୋୟା ବୈତରଣୀ ନଦୀର ଗତିପଥକୁ ବଦଳାଇ ଦିଆଯାଉଛି। ଏ ଦିଗରେ ସରକାର କୋଟିକୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଏଠାରେ ନଦୀରେ ସବୁଦିନିଆ ପାଣି ଚାଲିବା ପାଇଁ ବ୍ୟବସ୍ଥା କରାଯାଇ ପାରୁନାହିଁ। ଏ ଦିଗରେ ସମିତି କାର୍ଯ୍ୟକର୍ତ୍ତା ପୁନର୍ବାର ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ କୋରେଇ ବିଧାୟକ ଅଶୋକ କୁମାର ବଳଙ୍କୁ ଭେଟି ଦାବି ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

# ଗ୍ରାମୀଣ ଏକତା ମଞ୍ଚ ପକ୍ଷରୁ ଆବର୍ଜନା ଗାଡ଼ି ଶୁଭାରମ୍ଭ


ଆବର୍ଜନା ଗାଡ଼ି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିଙ୍କୁ ସ୍ୱାଗତ କରାଯାଉଛି।

**ରସୁଲପୁର,୩୦।୬(ଡି.ଏନ.ଏ.)**

ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମୀଣ ଏକତା ମଞ୍ଚ ପକ୍ଷରୁ ଗାଁରେ ଆବର୍ଜନା ଉଠାଇବାକୁ ଏକ ଗାଡ଼ିର ଶୁଭାରମ୍ଭ କରାଯାଇଛି। ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱରଙ୍କ ମନ୍ଦିର ବେଢ଼ାରୁ ଉକ୍ତ ଗାଡ଼ି ତାର ଯାତ୍ରା ଆରମ୍ଭ କରିଛି। କାର୍ଯ୍ୟକ୍ରମରେ ମଞ୍ଚ ସଭାପତି ଅଭିମନ୍ୟୁ ସାହୁ ଅଧ୍ୟକ୍ଷତା କରିଥିଲେ। ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆବର୍ଜନା ଗାଡ଼ିର ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଂଗଠକ ବିନୋଦ ବିହାରୀ ସାହୁ, ନରେଶ ଦ୍ୱିବେଦୀ, କମଳାକାନ୍ତ ସାହୁ, ବିଜୟ ନାୟକ, ରାଜୀବ ସାହୁ, ରବି ପାତ୍ର, ଶ୍ରୀଧର ବାରିକ, ସୁମନ୍ତ ଶତପଥୀ, ଟୁନା ବାରିକ, ପ୍ରଦୀପ କର, ବଳରାମ ବେହେରା, ସୁଦର୍ଶନ ମଲିକ ଓ ବିରଜା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଗାଡ଼ି ଗାଁ ବୁଲି କୁଣ୍ଡରେ ଥିବା ଆବର୍ଜନାକୁ ହଟାଇବ। ଏଥିସହ ଗାଁର ଜନସାଧାରଣଙ୍କୁ ସଚେତନ କରାଇବ। ଫଳରେ ଗାଁର ଲୋକେ ସଚେତନ ହୋଇ ଘରର ଅଳିଆ ଆବର୍ଜନା କୁଣ୍ଡରେ ପକାଇବେ ବୋଲି ମଞ୍ଚ ସଭାପତି ସାହୁ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ମଞ୍ଚ ବିଭିନ୍ନ ସମୟରେ ଗରିବ ଲୋକଙ୍କୁ ଆମ୍ବୁଲାନ୍ସ ସେବା, ଖାଦ୍ୟପାନୀୟ, ଅବହେଳିତ ବରିଷ୍ଠ ନାଗରିକଙ୍କୁ ଥଇଥାନ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୀଡ଼ିତଙ୍କୁ ସେବା ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ସେହିପରି ମଞ୍ଚ ପକ୍ଷରୁ ଜିଲାର ବିଭିନ୍ନ ଗାଁରେ ଆବର୍ଜନା କୁଣ୍ଡ ଓ ବୁଲାଗୋରୁଙ୍କ ପାଇଁ ପାଣି କୁଣ୍ଡ ସ୍ଥାପନ କରାଯାଇଛି।

# ପଞ୍ଚାୟତ ବିକାଶ ପାଇଁ ବିଧାୟକଙ୍କ ସହ ଆଲୋଚନା


ପଞ୍ଚାୟତ ପ୍ରତିନିଧିମାନେ ବିଧାୟକଙ୍କୁ ଭେଟି ଆଲୋଚନା କରୁଛନ୍ତି।

**ରସୁଲପୁର,୩୦।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ଭୋଟକା ପଞ୍ଚାୟତର ଜନପ୍ରତିନିଧି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଭେଟି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହିତ ତାଙ୍କଠାରୁ କେତେକ ଉପାଦେୟ ମତାମତ ଗ୍ରହଣ କରିଛନ୍ତି।

ଭୋଟକା ଗ୍ରାମଟି ଧର୍ମଶାଳା ବିଧାୟକଙ୍କ ଜନ୍ମମାଟି। ତେଣୁ ବିଧାୟକ ଏକ ପାରିବାରିକ କାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ। ଏ ସମ୍ପର୍କରେ ଜାଣି ଜନପ୍ରତିନିଧି ତାଙ୍କ ଗାଁରେ ପହଞ୍ଚି ବିଧାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସରପଞ୍ଚ ସ୍ମୃତିରେଖା ରାଉତଙ୍କ ନେତୃତ୍ୱରେ ପ୍ରତିନିଧିମାନେ ବିଧାୟକ ବଳବନ୍ତରାୟଙ୍କୁ ଗାଁର କେତେକ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ସ୍ଥଳକୁ ଯିବାକୁ ଅନୁରୋଧ କରିଥିଲେ। ଜନପ୍ରତିନିଧିଙ୍କ ଅନୁରୋଧକ୍ରମେ ବିଧାୟକ ଗାଁ ମୁଣ୍ଡରେ ଥିବା ଉଦ୍ୟାନ ସ୍ଥଳକୁ ଯାଇଥିଲେ। କୃଷକଙ୍କ କ୍ଷେତକୁ ଯାତାୟାତ ପାଇଁ ତୈଳାବର ପଡ଼ିଆଠାରୁ ବାଘୁଆପଦା ପଡ଼ିଆକୁ ସଂଯୋଗ କରୁଥିବା ରାସ୍ତା ଉନ୍ନତୀକରଣ, ବଡ଼ନାଳର ସୁରକ୍ଷା ଓ ନାଳର ଉଭୟ ପାର୍ଶ୍ୱରେ ଏକ ନିତିଦିନିଆ ରାସ୍ତା ନିର୍ମାଣ ସମ୍ପର୍କରେ ପ୍ରତିନିଧିମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଉକ୍ତ ରାସ୍ତାଟି ୨ଟି ନିର୍ବାଚନମଣ୍ଡଳୀର ଏକାଧିକ ଗାଁକୁ ସଂଯୋଗ କରୁଥିବାରୁ ରାସ୍ତାର ଗୁରୁତ୍ୱକୁ ନେଇ ଆଲୋଚନା ହୋଇଥିଲା। ତୈଳାବର ପଡ଼ିଆରେ ଥିବା ଜଳାଶୟର ଉନ୍ନତୀକରଣ ଓ ଖେଳ ପଡ଼ିଆ ସମତୁଲ ଉପରେ ଗୁରୁତ୍ୱ ଦିଆଯାଇ ଥିଲା। ଗୋଚର ଜମିରେ ଘାସଚାଷ ସମ୍ପର୍କରେ ବିଧାୟକ କେତେକ ଉପାଦେୟ ଟିପ୍ପଣୀ ରଖିଥିଲେ। ଏଥିସହ ବିଧାୟକ ପ୍ରତିନିଧିଙ୍କୁ ନେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ପଞ୍ଚାୟତ ଅଫିସ ପରିସରର ଉନ୍ନତୀକରଣ ସହ ପଞ୍ଚାୟତକୁ ବ୍ଲକର ଏକ ଶ୍ରେଷ୍ଠ ପଞ୍ଚାୟତରେ ପରିଗଣିତ ପାଇଁ ପରାମର୍ଶ ଦେଇଥିଲେ। ତେବେ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସେ କୋରେଇ ବିଧାୟକଙ୍କ ସହ ଆଲୋଚନା କରିବେ ବୋଲି ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ନାଏବ ସରପଞ୍ଚ କେଦାର କୁମାର ଦେଓ, ୱାର୍ଡସଭ୍ୟା ସୁକାନ୍ତି ସାହୁ, ରଞ୍ଜିତା ମଲିକ, ସୁଭଦ୍ରା ସାହୁ, ଝିଲି ରାୟ, ମିନତି ପରିଡ଼ା, ଶ୍ୟାମସୁନ୍ଦର ସାହୁ, ଦିଲୀପ କୁମାର ସାହୁ, ସଦାନନ୍ଦ ପଣ୍ଡା, ନିରଞ୍ଜନ ସାହୁ, ନୃସିଂହ ମଲିକ, ପୂର୍ବତନ ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମ ଚନ୍ଦ୍ର ଦାସ, ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ କୁମାର ଘଡେଇ ପ୍ରମୁଖ ସାମିଲ ହୋଇଥିଲେ।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ଜେନାପୁର,୩୦।୬(ଡି.ଏନ.ଏ.)**

ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଜେନାପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ରାଇଛନ୍ଦା(ତୋଟାସାହି) ଗ୍ରାମର ରଞ୍ଜନ ମଲ୍ଲ(୨୩)। ରଞ୍ଜନ ସେହି ଗ୍ରାମର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ତାଙ୍କୁ ବିବାହ କରିବାକୁ ମନା କରିଥିଲେ। ଏନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୭୩/୨୨ ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ରଞ୍ଜନ ଘରେ ଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ଗୁରୁବାର ଉଭୟଙ୍କ ଡାକ୍ତର ମାଇନା କରାଯିବା ପରେ ରଞ୍ଜନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

**ଧର୍ମଶାଳା,୩୦।୬(ଡି.ଏନ.ଏ.)**

ଧର୍ମଶାଳା-କବାଟବନ୍ଧ ପୂର୍ତ୍ତ ବିଭାଗ ରାସ୍ତାର କୁଆଁରିଆ ପୋଲ ନିକଟରେ ଜଣେ ମହିଳାଙ୍କ ବେକରୁ ବୁଧବାର ସୁନାଚେନ୍ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ମହିଳା ହେଲେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଲିସାହିପାଟିଆ ଗ୍ରାମର ଦିଲୀପ ସାହୁଙ୍କ ସ୍ତ୍ରୀ ଦେବସ୍ମିତା ସାହୁ। ଉଭୟ ବାଇକରେ ଜାରକାସ୍ଥିତ ଭୂମିକା ହସ୍ପିଟାଲକୁ ଆସୁଥିଲେ। ଏହି ସମୟରେ ୨ଜଣ ଲୁଟେରା ଏକ ପଲସର ବାଇକ୍‌ରେ ତାଙ୍କ ପିଛା କରି ମହିଳାଙ୍କ ବେକରୁ ୧୨ ଗ୍ରାମ ଓଜନର ସୁନା ଚେନ ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଏନେଇ ମହିଳାଙ୍କ ସ୍ୱାମୀ ଗୁରୁବାର ଧର୍ମଶଳା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ନାବାଳକ ଅପହରଣ ଅଭିଯୋଗ

**ବ୍ରହ୍ମବରଦା,୩୦।୬(ଡି.ଏନ.ଏ.)**

ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ପଞ୍ଚାୟତ ରେକେଇ ବଜାର ଗ୍ରାମର ପୂର୍ବତନ ସରପଞ୍ଚ ସୁମତୀ ମାଝିଙ୍କ ନାତି ପପୁନ ମାଝି(୧୫)ଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ପପୁନ ବୁଧବାର ସ୍ଥାନୀୟ ଖେଳପଡ଼ିଆରେ ଅପରାହ୍ନ ୫ଘଟିକା ସମୟରେ ଖେଳୁଥିବା ସମୟରେ କେହି ଦୁର୍ବୃତ୍ତ ତାଙ୍କୁ ରାସ୍ତା ଉପରକୁ ଡାକି ବାଇକରେ ବସାଇ ନେଇଯାଇଛନ୍ତି। ତେବେ ସନ୍ଧ୍ୟା ସମୟ ଗଡ଼ି ଯିବାପରେ ପୁଅ ଘରକୁ ନ ଫେରିବା ଯୋଗୁ ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ। ହେଲେ କିଛି ଖବର ନ ମିଳିବାରୁ ଶେଷରେ ବରୁଆଁ ଛକ ନିକଟସ୍ଥ ଏକ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ ଦେଖିଥିଲେ। ଫୁଟେଜରେ କେହି ଦୁର୍ବୃତ୍ତ ପପୁନଙ୍କୁ ବାଇକରେ ବସାଇ ନେଉ ଯାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ନିଖୋଜ ନାବାଳକଙ୍କ ମୋବାଇଲରୁ ଦୁର୍ବୃତ୍ତ ତାଙ୍କ ଘରକୁ ଫୋନ କରି ଜଣାଇଥିଲେ ଯେ ଆମ୍ଭେ ଯାଜପୁର ଟାଉନସ୍ଥିତ ଏନ୍‌ସି କଲେଜ ସମ୍ମୁଖରେ ଅଛୁ। ତୁମେ ଆସି ତୁମ ପୁଅକୁ ନେଇଯାଅ। ପରିବାର ଲୋକେ ଫୋନ ପାଇ ଯାଜପୁର ଟାଉନ ସ୍ଥିତ ଏନ୍‌ସି କଲେଜ ପାଖରେ ପହଞ୍ଚି ଖୋଜାଖୋଜି କରିଥିଲେ। କିନ୍ତୁ ନାବାଳକଙ୍କ ପତ୍ତା ପାଇ ନ ଥିଲେ। ଫଳରେ ପରିବାର ଲୋକେ ସେଠାରୁ ନିରାଶ ହୋଇ ଫେରି ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଛି। ହେଲେ ଏଯାଏ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ପାଇ ପାରିନାହିଁ।

# ଯାତ୍ରୀ ବିଶ୍ରାମଗୃହ, ସୌର ପାଣିଟାଙ୍କି ଲୋକାର୍ପିତ

**ଚଣ୍ଡିଖୋଲ,୩୦।୬(ଡି.ଏନ.ଏ.)**

ଚଣ୍ଡିଖୋଲ ଛକଠାରେ ଏକ ଯାତ୍ରୀ ବିଶ୍ରାମଗୃହ ଓ ସୌର ଚାଳିତ ପାଣିଟାଙ୍କିକୁ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୭ ଲକ୍ଷ ଟଙ୍କା ଅନୁଦାନରେ ଏହି ପ୍ରକଳ୍ପ ଯାତ୍ରୀଙ୍କ ସୁବିଧା ପାଇଁ କରାଯାଇଥିବା ବକ୍ତବ୍ୟରେ ଏମ୍‌ପି ପ୍ରକାଶ କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚଣ୍ଡିଖୋଲ ଛକରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ଅସ୍ଥାୟୀ ବଣିକ ସଂଘ ସଭାପତି ମହେଶ୍ୱର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ନିରଞ୍ଜନ ସେନାପତି, କିଛିନା ମହାପାତ୍ର ଓ ଅଶ୍ୱଜିତ୍ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅସ୍ଥାୟୀ ବଣିକ ସଂଘ ସମ୍ପାଦକ ସଞ୍ଜୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧିଚଣ୍ଡିଖୋଲ ଛକର ଦକ୍ଷିଣ ପାର୍ଶ୍ୱରେ ଆଉ ଏକ ଯାତ୍ରୀ ବିଶ୍ରାମଗୃହ ଓ ସ୍ୱଚ୍ଛ ପାନୀୟଜଳର ଆବଶ୍ୟକତା ସମ୍ପର୍କରେ ଏମପି ଓ ବିଧାୟକଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।


ଅତିଥି ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି।



# ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନଦେଲେ ଶ୍ରୀଜୀଉ

**ଖଣ୍ଡପଡ଼ା,୩୦।୬(ସ୍ୱ.ପ୍ର.)**

ବୁଧବାର ଶ୍ରୀଜୀଉମାନେ ନବ ଯୌବନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । କଣ୍ଟିଲୋ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁର ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା, ଖଣ୍ଡପଡ଼ା ରାଜବାଟି ପରିସରରେ ଥିବା ଏକକ ଜଗନ୍ନାଥ ଓ ରଥଗଡା ଛକ ନିକଟ ଶ୍ରୀ ରଘୁନାଥଙ୍କ ପାର୍ଶ୍ୱ ଠାକୁର ମହିମା ମେରୁ (ଶ୍ରୀ ଜଗନ୍ନାଥ,ଶ୍ରୀ ବଳଦେବ, ଦେବୀ ସୁଭଦ୍ରା), ଖଳିସାହି ଜଗନ୍ନାଥ ମନ୍ଦିର ଏବଂ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠସ୍ଥ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କୁ ନବଯୌବନ ବେଶରେ ଦର୍ଶନ ଦେଇଥିଲେ । ନୀଳମାଧବ ଜୀଉଙ୍କ ପୀଠରେ ଶ୍ରୀଜୀଉଙ୍କ ନବ ଯୌବନ ଦର୍ଶନ ପାଇଁ ଚଳିତ ବର୍ଷ ପଶ୍ଚିମବଙ୍ଗରୁ



ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରରେ ଶ୍ରୀଜୀଉଙ୍କ ନବଯୌବନ ବେଶ ।

ଆସିଥିବା ଶତାଧିକ ଶ୍ରଦ୍ଧାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରରେ ଭିଡ଼ ଜମାଇଥିଲା । ଅନବସର ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର କରାଯାଇଥିଲା । ଶୁକ୍ରବାର ଶ୍ରୀ ଜୀଉଙ୍କ ଘୋଷଯାତ୍ରା । ଖଣ୍ଡପଡ଼ାର ୨ ମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ଓ ଉପଚାର ହୋଇଛି ।

## ମଦଭାଟି ଉପରେ ଚଢ଼ାଉ, ଜଣେ ଗିରଫ

**ନୟାଗଡ଼ ଅଫିସ,୩୦।୬**

ନୟାଗଡ଼ ଜିଲା ରଣପୁର ଥାନାର ରାଜସୁନାଖଳା ଫାଣ୍ଡି ପୋଲିସ ସୁରୁକାବାଡି ଗାଁ ଉପରେ ଚଢ଼ାଉ କରି ଏକ ଦେଶୀ ମଦଭାଟିକୁ ଭାଙ୍ଗିଛି । ଏହି ଘଟଣାରେ ସୁରୁକାବାଡି ଗାଁର ନୀଳ ସେଠୀ(୫୨) ଗିରଫ ହୋଇଛନ୍ତି। ତାଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ ହୋଇଛି । ସେ ନିଜ ଘର ପଛପାଖରେ ମଦ ଭାଟି କରି ଦେଶୀ ମଦ ରାନ୍ଧୁଥିଲେ ।

## ଭିଜିଲାନ୍ସ ଏସ୍‌ପିଙ୍କ ବଦଳି

**ବ୍ରହ୍ମପୁର ଅଫିସ,୩୦।୬**

ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ତ୍ରିଲୋଚନ ସ୍ୱାଇଁଙ୍କର କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛି। ସେ ୨୦୨୧ ଅକ୍ଟୋବର ୫ରେ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# ନବବଧୂଙ୍କୁ ହତ୍ୟା ଅଭିଯୋଗ

## ସ୍ୱାମୀଙ୍କ ସମେତ ୩ ଜେଲ ଗଲେ

**ନୟାଗଡ଼ ଅଫିସ,୩୦।୬**

ନବବଧୂ ଶୁଭଶ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ନୟାଗଡ଼ ସଦର ଥାନା ପୋଲିସ ନୂଆପଲ୍ଲୀ ଗାଁର ବାସିନ୍ଦା ତଥା ମୃତକଙ୍କ ସ୍ୱାମୀ ବିନୋଦ ନାୟକ(୧୯)ଙ୍କ ସମେତ ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ୩ ଅଭିଯୁକ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପୋଲିସ ସୂଚନା ଅନୁସାରେ ଦୁର୍ଦ୍ଦୁରା ଗାଁର ଶୁଭଶ୍ରୀ ନାୟକ(୧୮) ଗତ ୬ମାସ ତଳେ ନୂଆପଲ୍ଲୀ ଗାଁର ବିନୋଦଙ୍କୁ ପ୍ରେମ ବିବାହ କରିଥିଲେ । ପ୍ରେମ ବିବାହ ଯୋଗୁ କନ୍ୟା ଘର ପକ୍ଷରୁ କୌଣସି ଯୌତୁକ ଦିଆଯାଇ ନ ଥିଲା। ବିବାହର କିଛି ଦିନ ପରେ ଅଧିକ ଯୌତୁକ ପାଇଁ ଶାଶୁ ଘର ପକ୍ଷରୁ ଶୁଭଶ୍ରୀଙ୍କ ଉପରେ ପଡିଥିଲା। ଶୁଭଶ୍ରୀ ବାପ ଘରୁ ଯୌତୁକ ଆଣି ନ ପାରିବାରୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ଶେଷରେ ଶୁଭଶ୍ରୀଙ୍କୁ ଗତ ୨୮ ତାରିଖରେ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଛି ବୋଲି ବାପ ଘର ପକ୍ଷରୁ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା (ନଂ.୯୮/୨୨) ରେ ରୁଜୁ କରି ତଦନ୍ତ କରିଥିଲା ।







# ୩ ପ୍ରକଳ୍ପ ଟଙ୍କା ଆତ୍ମସାତ୍ ଅଭିଯୋଗ

**ଭାପୁର,୩୦।୬(ଡି.ଏନ.ଏ.)**

ଭାପୁର ବ୍ଲକ ବଡସହରା ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ ବୃଦ୍ଧି ପାଇବାରେ ଲାଗିଛି। କେତେବେଳେ ୮ଶହ ମିଟର ରାସ୍ତାକୁ ୨୧ ଥର ବିଲ୍ ଅଭିଯୋଗ ହେଉଛି ତ ଆଉ କେବେ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ ନେଇ ଅଭିଯୋଗ ହୋଇଛି । ବୁଧବାର ବଡସହରା ପଞ୍ଚାୟତ ଅଧୀନ ରାମପଡା ଓ ଜାମୁସାହିର ବହୁ ବ୍ୟକ୍ତି ପୁଣି ଦୁର୍ନୀତି ନେଇ ବିଡିଓଙ୍କୁ ଫେରାଦ ହୋଇଛନ୍ତି । ରାମପଡା ଗ୍ରାମରୁ ୨୦୧୯-୨୦ ଆର୍ଥିକ ବର୍ଷରେ ଆମ ଗାଁ ଆମ ବିକାଶ ନାମରେ କମ୍ୟୁନିଟି ସେଣ୍ଟର ନିର୍ମାଣ ନ କରି ୧ ଲକ୍ଷ ଟଙ୍କା , ରାମପଡା ବିଶ୍ରାମଗାର ନିମନ୍ତେ ଆସିଥିବା ୧ ଲକ୍ଷ ଟଙ୍କା ଓ ନୃସିଂହ ପ୍ରସାଦ ଜାମୁସାହି ଭାଗବତ ଗୋଷ୍ଠୀ କେନ୍ଦ୍ର ନାମରେ ଆସିଥିବା ୧ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ଗ୍ରାମବାସୀ ସୂଚନା ଅଧିକାର ମାଧ୍ୟମରେ ଜାଣିବାକୁ ପାଇଥିଲେ ପଞ୍ଚାୟତର ପୂର୍ବତନ ପିଇଓ, ଭାପୁର ବ୍ଲକର ଯନ୍ତ୍ରୀ ଓ ପଞ୍ଚାୟତର କେତେଜଣ ରାଜନୈତିକ ବ୍ୟକ୍ତି ସମସ୍ତ ଟଙ୍କା ଆତ୍ମସାତ୍ କରିଛନ୍ତି । ଏ ସଂକ୍ରାନ୍ତରେ ଗ୍ରାମବାସୀ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଭାପୁର ବ୍ଲକର ଶାସନ ପଞ୍ଚାୟତରେ ନାଳ ଭିତରେ ପୋଖରୀ ଖୋଳି ବିଲ କରିବା ଘଟଣାରେ ୪ଲକ୍ଷ ଟଙ୍କା, ଫତେଗଡ ପଞ୍ଚାୟତରେ ମିଶନଶକ୍ତି ନାମରେ ୪ଲକ୍ଷ ଟଙ୍କା ଓ ଭାପୁର ବ୍ଲକ ଖଇରିଖାଡିଆ ଗ୍ରାମରେ ପୋଖରୀ, ରାସ୍ତା ନାମରେ ୨୪ଲକ୍ଷ ଫଲସ ବିଲ୍ ଘଟଣାରେ ଟଙ୍କା ଅସୁଲ କରାଯାଇଛି । ଏ ସମ୍ପର୍କରେ ବିଡ଼ିଓ ଡ. ଜନ୍ମେଜୟ ସାହୁ କହିଛନ୍ତି, ଅଭିଯୋଗ ଅନୁଯାୟୀ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ । ଉପଯୁକ୍ତ ତଦନ୍ତ ସହିତ ଦୁର୍ନୀତିରେ ଲିପ୍ତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବିକରାଯାଇଛି।







## ତହସିଲଦାର ଜିଦ୍‌ରେ ଅଟଳ

## ୫ରେ ପୂଜକଙ୍କ ଘର ଉଚ୍ଛେଦ ପାଇଁ ପୁଣି ନୋଟିସ

**ଗଞ୍ଜାମ,୩୦।୬(ଡି.ଏନ୍.ଏ.)**

ଗଞ୍ଜାମ ସହର ତ୍ରିବେଣୀ ମଠଛକଠାରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରହି ଆସୁଥିବା ପୂଜକ କନ୍ଧ ଶତପଥୀଙ୍କ ଘର ଆସନ୍ତା ୫ରେ ଭାଙ୍ଗିବାକୁ ପୁଣି ନୋଟିସ ଜାରି କରିଛନ୍ତି ତହସିଲଦାର ଅରୁଣ କୁମାର ନାୟକ। ନୋଟିସ ପାଇବା ପରେ ଭୟଭୀତ ହୋଇ ପଡ଼ିଛନ୍ତି ପୂଜକଙ୍କ ପରିବାର। ତହସିଲଦାର ନାୟକଙ୍କ ଏପରି କାର୍ଯ୍ୟକୁ ଗଞ୍ଜାମ ସହରବାସୀ ଦୃଢ଼ ନିନ୍ଦା କରିଛନ୍ତି। ପୂଜକଙ୍କ ଘରକୁ ଲାଗି ରହିଥିବା ସରକାରୀ ଜାଗାରେ ଜଣେ ଲୋକ ପାଚେରି ବୁଲାଇଥିବା ବେଳେ ତାକୁ ଉଚ୍ଛେଦ ନ କରି ଜଣେ ଲୋକ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହି ଆସିଥିବା ଘରକୁ ତହସିଲଦାର କାହିଁକି ଭାଙ୍ଗିବାକୁ ଜିଦ୍ ଧରିଛନ୍ତି ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ଗତ ମଙ୍ଗଳବାର ତହସିଲଦାର ଜେସିବି ମେଶିନ ଦ୍ୱାରା ଘର ଭାଙ୍ଗିବାକୁ ପ୍ରସ୍ତୁତି ଆରମ୍ଭ କରିବା ବେଳକୁ ପୂଜକ ଶତପଥୀଙ୍କ ସ୍ତ୍ରୀ ଓ ପୁଅ ବୋହୂ ଜେସିବି ଆଗରେ ବସି ରହିଥିଲେ। ଏହି ଘଟଣା ନେଇ ତହସିଲଦାର ନାୟକ ଏବଂ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ପଟ୍ଟନାୟକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ତହସିଲଦାର ନିରାଶ ହୋଇ ଫେରିଥିଲେ।



